## ସଂକ୍ଷେପରେ

### ୭୩ ଆକ୍ରାନ୍ତ ଚିହ୍ନଟ

**ଅନୁଗୋଳ ଅଫିସ, ୨୦।୭:** ଅନୁଗୋଳ ଜିଲାରୁ ମଙ୍ଗଳବାର ୭୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୨ ହଜାର ୩୧୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ୧୩ ଜଣ ଥିବାବେଳେ ବଣ୍ଣରପାଳ ବ୍ଲକରୁ ୧୧, ତାଳଚେର ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକରୁ ୯, କିଶୋରନଗର ବ୍ଲକରୁ ୭, ଅନୁଗୋଳ ପୌରାଞ୍ଚଳରୁ ୬, କଣିହାଁ ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୪, ପାଲଲହଡ଼ା ବ୍ଲକରୁ ୪, ତାଳଚେର ପୌରାଞ୍ଚଳରୁ ୨ ଓ ଆଠମଲ୍ଲିକ ଏନ୍ଏସିରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୯୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ମଙ୍ଗଳବାର କରୋନାରେ ଜିଲାରୁ କାହାରି ମୃତ୍ୟୁ ହୋଇନାହିଁ।

### ଚୋରି ଏତଲା ରଖିବାକୁ ନାରାଜ

**ଆଠମଲ୍ଲିକ,୨୦।୭(ଡି.ଏନ.ଏ.):** ଘର ଦୁଆର ମୁହଁରୁ ସାଇକେଲ ଚୋରି ହୋଇଥିବା ବେଳେ ଏହାକୁ ଛୋଟ ଘଟଣା କହି ଏତଲା ରଖିବାକୁ ପୋଲିସ ନାରାଜ ହୋଇଛି। ଅନୁଗୋଳ ଜିଲା ଆଠମଲ୍ଲିକ ପୋଲିସ ଜଣେ ଅଭିଯୋଗକାରୀଙ୍କୁ ଏପରି କହିଥିବା ସୂଚନା ମିଳିଛି। ତେବେ ପୁନଃ ଏତଲା ଲେଖାଯିବା ପରେ ପୋଲିସ ଏହାକୁ ଗ୍ରହଣ କରିଛି। ପ୍ରକାଶ ଯେ, ଆଠମଲ୍ଲିକ ସହର ୮ ନମ୍ବର ୱାର୍ଡର ଶ୍ରୀକାନ୍ତ ମିଶ୍ରଙ୍କ ଘରେ ଭଡ଼ାରେ ରହୁଥିବା ଅବିନାଶ ଷଡ଼ଙ୍ଗୀଙ୍କ ସାଇକେଲ ମଙ୍ଗଳବାର ଚୋରି ହୋଇଯାଇଥିଲା। ଖୋଜାଖୋଜି କରି ସାଇକେଲ ନ ପାଇବାରୁ ଅବିନାଶ ଏ ନେଇ ଆଠମଲ୍ଲିକ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ଆଇଆଇସି ଅନୁଗୋଳ ଗସ୍ତରେ ଥିବାବେଳେ ଭାରପ୍ରାପ୍ତ ଥାନା ଅଧିକାରୀ ଏପରି ଛୋଟିଆ ଘଟଣାରେ ଏତଲା ରଖିବାକୁ ସିଧାସଳଖ ମନା କରିଥିଲେ। ପରେ ଏତଲାରେ ଭୁଲ ଥିବା କହି ପୁନର୍ବାର ଏତଲା ଲେଖିବାକୁ କହିଥିଲେ। ଏହାପରେ ସେ ଅଭିଯୋଗ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଆଇଆଇସି ନିରୋଦ ଦାସ କହିଛନ୍ତି, ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା

**ତାଳଚେର,୨୦।୭(ନି.ପ୍ର.):** ଓଡ଼ିଶା କଲିୟାରୀ ମଜଦୁର ସଂଘ (ଓସିଏମ୍ଏସ୍) ଆଇଏନ୍‌ଟିୟୁସି ଶ୍ରମିକ ସଂଗଠନ ପକ୍ଷରୁ ଏମ୍‌ସିଏଲ୍‌ର ସିଏମ୍‌ଡି ପି.କେ. ସିହ୍ନାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ଏହି ଅବସରରେ ସଙ୍ଗଠନ କର୍ମକର୍ତ୍ତାମାନେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଆଞ୍ଚଳିକ ସମ୍ପାଦକ ବିଜୟ ଦାସ, ଓରିଏଣ୍ଟ ସମ୍ପାଦକ ଆଇ.ଜି. ପାଢ଼ୀ, ରଘୁନାଥ ସାମଲ ପ୍ରମୁଖ ସିଏମ୍‌ଡିଙ୍କୁ ଜଗନ୍ନାଥ ଏରିଆ ଅଫିସରେ ଭେଟି ଶ୍ରମିକମାନଙ୍କ ସମସ୍ୟା, ଜମିହରା ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏମ୍‌ସିଏଲ୍‌ର ସିଏମ୍‌ଡି ପି.କେ. ସିହ୍ନାଙ୍କୁ ହିଙ୍ଗୁଳା ମନ୍ଦିରରେ ଭେଟି ତାଳଚେରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ସମାଧାନ ନିମନ୍ତେ ଦାବି କରିଥିଲେ। ସେହିପରି ହିଙ୍ଗୁଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ନୂତନ ଯଜ୍ଞମଣ୍ଡପ ଓ ନାଟ ମଣ୍ଡପ ନିର୍ମାଣ ପାଇଁ ୭କୋଟି ଟଙ୍କା ପ୍ରଦାନ କରିବାକୁ ବିଧାୟକ ଏମ୍‌ସିଏଲ୍ ଅଧକ୍ଷଙ୍କୁ ଅନୁରୋଧ କରିଥିଲେ।

### ପୌର ପରିଷଦ ଅମିନ ଗିରଫ

**ତାଳଚେର,୨୦।୭ (ନି.ପ୍ର.):** ତାଳଚେର ହାଟତୋଟାସ୍ଥିତ ରାଜସ୍ୱ ଡାକବଙ୍ଗଳାରୁ ଶାଗୁଆନ ଗଛ କଟାଯିବା ଘଟଣାରେ ବନ ବିଭାଗ ତାଳଚେର ପୌର ପରିଷଦର ଅମିନ ଦାମୋଦର ଗଜେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଏହି ସରକାରୀ ବଙ୍ଗଳାରୁ ଶାଗୁଆନ ଗଛ ଚୋରି ହୋଇଥିବା ଅଭିଯୋଗ ପାଇ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ହାଟତୋଟାଠାରେ ଥିବା ପୌର ପରିଷଦ କଲୋନୀର ଏକ କ୍ୱାର୍ଟର୍ସରୁ ଶାଗୁଆନ ଗଣ୍ଡି ଜବତ କରାଯାଇଥିଲା। ଏ ସମସ୍ତ ଘଟଣାରେ ଦାମୋଦରଙ୍କ ସଂପୃକ୍ତି ଥିବା ଅଭିଯୋଗରେ ବନ ବିଭାଗ ତାଙ୍କୁ ଗିରଫ କରିଛି। ଦୁଇ ଦିନ ହେଲା ବନ ବିଭାଗ ପକ୍ଷରୁ ତାଳଚେରରୁ ବଣ୍ଣରପାଳ ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଗ୍ୟାରେଜ ଉପରେ ଚଢ଼ାଉ କରାଯାଇଥିଲା। ବାଇପାସ ଠାରେ ଥିବା ଏକ ଗ୍ୟାରେଜରୁ ୭.୬୪ ସିଏଫ୍‌ଟି କଟା କାଠ ଜବତ କରାଯାଇଛି ବୋଲି ରେଞ୍ଜର ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।

# ଆହାର ଉପରେ ପାହାର

**ରଜନୀକାନ୍ତ ମହାରଣା**
**ଖମାର,୨୦।୭**



- କୃଷି କ୍ଷେତ୍ରରେ ପଡ଼ୁଛି ତୈଳ ଦର ବୃଦ୍ଧି ପ୍ରଭାବ
- ଖର୍ଚ୍ଚ ବଢ଼ୁଥିବାରୁ ଚିନ୍ତାରେ ପଡ଼ିଛନ୍ତି ଚାଷୀ
- କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇଁ ଦାବି

ଚାଷକୁ ନେଇ ଚାଷୀ ଗର୍ବ ଅନୁଭବ କରେ। ସର୍ବୋଚ୍ଚ ସମ୍ମାନ ବୋଲି ଭାବେ। ଅନ୍ନଦାତାର ପରିଚୟ ଚାଷୀଙ୍କୁ ଅଧିକ ଆତ୍ମବିଶ୍ୱାସୀ କରେ। ଆନନ୍ଦ ଦିଏ। ସେଥିପାଇଁ କଠିନ ପରିଶ୍ରମ କରିବାକୁ ସେ କେବେ କୁଣ୍ଠିତ ହୁଏନାହିଁ। ମୁଣ୍ଡଝାଳ ତୁଣ୍ଡରେ ମାରି ବର୍ଷସାରା ସମସ୍ତଙ୍କୁ ଆହାର ଯୋଗାଇ ଚାଲିଥାଏ। ହେଲେ ସାମ୍ପ୍ରତିକ ତୈଳଦର ବୃଦ୍ଧି ସେହି ଆହାର ଉପରେ ପାହାର ଦେବାଭଳି ହୋଇଛି। ଆଧୁନିକ କୃଷି ପ୍ରଣାଳୀ ବା ବିଭିନ୍ନ କୃଷି ଯନ୍ତ୍ରପାତି ବ୍ୟବହାର କରୁଥିବା କୃଷକମାନେ ଏହାଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଥିବାବେଳେ ପାରମ୍ପରିକ ପଦ୍ଧତିରେ ଚାଷ କରୁଥିବା ଚାଷୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ନିୟମିତ ବଢ଼ୁଥିବା ଡିଜେଲ ଦର ଯୋଗୁ ବିହନ, ସାର ଏବଂ ଔଷଧ ସହ ମେଶିନରେ ଜମି ଚଷିବା ଖର୍ଚ୍ଚ ଦୁଇଗୁଣା ହୋଇଯାଇଛି। ଏହା ଚାଷୀଙ୍କ ସ୍ୱାଭିମାନକୁ ଆଘାତ ଦେଉଥିବାରୁ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇବାକୁ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଅଞ୍ଚଳର ଚାଷୀମାନେ ଦାବିକରିଛନ୍ତି।

ଶିଳ୍ପବିହୀନ ପାଲଲହଡ଼ା ବ୍ଲକର ଖମାର ଏକ କୃଷିବହୁଳ ଅଞ୍ଚଳ। ଏଠାକାର ସହସ୍ରାଧିକ ଚାଷୀ କେବଳ ଚାଷ ଉପରେ ନିର୍ଭର କରନ୍ତି। ଧାନ ଏଠାକାର ପ୍ରମୁଖ ଫସଲ ହୋଇଥିବାବେଳେ କେତେଜଣ ଚାଷୀ ପରିବା ଚାଷ କରିଥାନ୍ତି। ଦୀର୍ଘ ଦେଢ଼ବର୍ଷ ହେବ ମହାମାରୀ କରୋନା ଯୋଗୁ ଆୟର ଅନ୍ୟ କୌଣସି ଉତ୍ସ ଲୋକେ ପାଉନାହାନ୍ତି। ତେଣୁ ଅଧିକରୁ ଅଧିକ ବ୍ୟକ୍ତି କୃଷିକ୍ଷେତ୍ରକୁ ଓହ୍ଲାଇଥିବା ବେଳେ ଦେଶ ବିଦେଶରୁ ଫେରିଥିବା ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ମଧ୍ୟ ଚାଷକୁ ଆପଣାଇବାକୁ ବାଧ ହୋଇଛନ୍ତି। ଏହି ପ୍ରବାସୀମାନଙ୍କ ହାତକୁ କାମ ଦେବା ଉଦ୍ଦେଶ୍ୟରେ ସରକାର ଟ୍ରାକ୍ଟର, ପାୱାରଟିଲରଠାରୁ ଆରମ୍ଭ କରି ବିଭିନ୍ନ କୃଷି ଯନ୍ତ୍ରପାତି ଉପରେ ଆକର୍ଷଣୀୟ ସବ୍‌ସିଡି ପ୍ରଦାନ କରୁଛନ୍ତି। ଫଳରେ ଖମାର, ଶଙ୍ଖପୁର, ବଡ଼ସଡ଼ା, କରଡ଼ାପାଳ, ପରାଛାଟ, ରଜଡ଼ଙ୍ଗ, ଇଞ୍ଜିଡ଼, ଆଲୋରୀ, ରୋହିଲା, ମୁଣ୍ଡୁରିବେଡ଼ା, କୁଞ୍ଜାମ ଆଦି ପଞ୍ଚାୟତର ୨ଶହରୁ ଅଧିକ ଚାଷୀ ଟ୍ରାକ୍ଟର ଓ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ପାୱାରଟିଲର ସହ ଅନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ସେହିପରି ବହୁ ଚାଷୀ ହଳବଳଦଠାରୁ ଦୂରେଇ ଯାଇଥିବାରୁ ସେମାନେ ଜମି ଚଷିବାକୁ ଏହି ଟ୍ରାକ୍ଟର ଓ ପାୱାରଟିଲର ମାଲିକମାନଙ୍କୁ ଘଣ୍ଟା ପ୍ରତି ଭଡ଼ା ପ୍ରଦାନ କରିଥାନ୍ତି। କିନ୍ତୁ କିଛିମାସ ହେଲା ନିୟମିତ ଭାବେ ଡିଜେଲ ଦର ବୃଦ୍ଧି ପାଇ ଏବେ ଲିଟର ପ୍ରତି ଶହେ ଟଙ୍କା ପାଖାପାଖି ହୋଇଥିବାରୁ ମେଶିନ ମାଧ୍ୟମରେ ହଳ କରିବା ଚାଷୀଙ୍କ ପାଇଁ ମହଙ୍ଗା ହୋଇଯାଇଛି। ପୂର୍ବରୁ ଘଣ୍ଟା ପ୍ରତି ଟ୍ରାକ୍ଟର ମାଲିକ ୮୦୦ରୁ ୧୦୦୦ ଟଙ୍କା ନେଉଥିବା ବେଳେ ଏବେ ୧୫୦୦ରୁ ୧୬୦୦ ଟଙ୍କା ଦାବି କରୁଛନ୍ତି। ସେହିପରି ପୂର୍ବରୁ ପାୱାରଟିଲର ମାଲିକ ଘଣ୍ଟା ପ୍ରତି ୫୦୦ରୁ ୬୦୦ ଟଙ୍କା ନେଉଥିବା ବେଳେ ଏବେ ୮୦୦ ରୁ ୧୦୦୦ ଟଙ୍କା ଦେବାକୁ ବାଧ କରୁଛନ୍ତି। ଖୋଲା ବଜାରରେ ମିଳୁଥିବା ବିହନ, ସାର ଓ ଔଷଧର ମୂଲ୍ୟ ମଧ୍ୟ ବଢ଼ିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ଦେଖି ମୂଲିଆମାନେ ଅଧିକ ମଜୁରି ଦାବି କରୁଥିବାରୁ ଚାଷୀ ଅଧିକ ଖର୍ଚ୍ଚାନ୍ତର ସମ୍ମୁଖୀନ ହେଉଥିବା ଖମାର ଅଞ୍ଚଳର ଚାଷୀମାନେ ପ୍ରକାଶ କରିଛନ୍ତି।

#### ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉ



ଅନେକ ଚାଷୀ ଏବେ ଆଧୁନିକ କୃଷି ପ୍ରଣାଳୀ ଆପଣେଇଲେଣି। ସେମାନେ ପାୱାରଟିଲର, ଟ୍ରାକ୍ଟର ସହ ଅନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ସରକାର ମଧ୍ୟ ଏପରି ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। କିନ୍ତୁ ତୈଳ ଦର ଯେପରି ବଢ଼ିଚାଲିଛି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯିବା ଜରୁରୀ ହୋଇପଡ଼ିଛି।

**-ଗୋପବନ୍ଧୁ ସାହୁ, ଚାଷୀ, ଓଡ଼ଶ**

#### କ୍ଷତି ଭରଣା କଷ୍ଟକର ହେବ



ତୈଳ ଦର ବୃଦ୍ଧି ଚାଷ କାର୍ଯ୍ୟକୁ ପ୍ରଭାବିତ କରୁଛି। ଯେଉଁ ଚାଷୀମାନେ କୃଷି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି, ସେମାନେ ଏହାଦ୍ୱାରା ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। କରୋନା ସମୟରେ ଚାଷ ଅନେକ ଲୋକଙ୍କ ମୁଖ୍ୟ ଆୟ ହୋଇଥିବାରୁ ସରକାର ତୈଳ ଦର ହ୍ରାସ ନ କଲେ ଚାଷୀଙ୍କ କ୍ଷତି ଭରଣା କଷ୍ଟକର ହୋଇପଡ଼ିବ।

**-ମୁକେଶ କୁମାର ପ୍ରଧାନ, ଚାଷୀ, ଖମାର**

#### ଦୁଇଗୁଣା ହେଲାଣି ଖର୍ଚ୍ଚ



ପୂର୍ବରୁ ଚାଷ କାର୍ଯ୍ୟରେ ଯେତିକି ଅର୍ଥ ଖର୍ଚ୍ଚ ହେଉଥିଲା, ତୈଳ ମୂଲ୍ୟ ବୃଦ୍ଧି ପରେ ତାହା ବଢ଼ିଯାଇଛି। ଟ୍ରାକ୍ଟରରେ ଜମି ହଳ କରିବାଠାରୁ ଆରମ୍ଭ କରି ବିହନ, ସାର ଆଦି ପ୍ରତିଟି ସାମଗ୍ରୀ ଦର ବୃଦ୍ଧି ଘଟିଛି। ତେଣୁ ଦୁଇଗୁଣା ଖର୍ଚ୍ଚକୁ ନେଇ ଚାଷୀ ହତାଶ ହୋଇପଡ଼ିଛି। କୃଷିଜାତ ସାମଗ୍ରୀର ଦର ଦୁଇଗୁଣା କରାଯିବା ଦରକାର।

**-କମଳ ଲୋଚନ ପ୍ରଧାନ, ଚାଷୀ, ପିଟା**

#### ସରକାର ଚିନ୍ତନ କରନ୍ତୁ



ଚାଷୀ ଦେଶର ମେରୁଦଣ୍ଡ। ହେଲେ କେନ୍ଦ୍ର ସରକାର ନିୟମିତ ଭାବେ ତୈଳ ଦର ବୃଦ୍ଧି କରି ଦେଶର ସେହି ମେରୁଦଣ୍ଡକୁ ଦୋହଲାଇ ଦେଇଛନ୍ତି। ଧାନ ଓ ତୈଳବୀଜ ଫସଲର ମୂଲ୍ୟ ସେପରି ବଢ଼ାଯାଉ ନ ଥିବା ବେଳେ ଅଭାବୀ ବିକ୍ରି ଓ ମଣ୍ଡି ସମସ୍ୟାର ସମ୍ମୁଖୀନ ହେଉଛି ଚାଷୀ। ଏ ବିଷୟରେ ସରକାର ଚିନ୍ତନ କରନ୍ତୁ।

**-କ୍ଷେତ୍ରବାସୀ ସାହୁ, ଚାଷୀ, ବାରକୋଟିଆ**

### ଦୁଇ ମାସର ଦରମା ଦେଇନି ଟିଟିପିଏସ୍

**ତାଳଚେର, ୨୦।୭(ନି.ପ୍ର.)**

ବନ୍ଦ ହୋଇଯାଇଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)ର ଶ୍ରମିକମାନେ ୨ ମାସର ବକେୟା ଦରମା ପାଇନାହାନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଶ୍ରମିକମାନେ ଶ୍ରମିକ ଏକତା ମଞ୍ଚ ନେତୃତ୍ୱରେ ଟିଟିପିଏସ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଓ ଏଜିଏମ୍‌ଙ୍କୁ ଭେଟି ବକେୟା ଦରମା ଦେବାକୁ ଅନୁରୋଧ କରିଥିଲେ। ଦରମା ଦିଆଯିବ ନାହିଁ ବୋଲି ଏହି ଦୁଇ ଅଧିକାରୀ କହିବାରୁ କିଛି ସମୟ ପାଇଁ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏକତା ମଞ୍ଚର ସଦସ୍ୟଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆସନ୍ତା ୩୧ ତାରିଖରେ ବକେୟା ଦରମା ଦିଆଯିବ ବୋଲି ଟିଟିପିଏସ୍ ପକ୍ଷରୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଏକତା ମଞ୍ଚର ନେତା ବିନୋଦ ସାମଲ, ସରୋଜ ନାଥ, ବିନୋଭା ନନ୍ଦ ତ୍ରିପାଠୀ ପ୍ରକାଶ କରିଛନ୍ତି।

### ଦେଶୀ, ମହୁଲି ମଦ ଜବତ

**ବଇଣ୍ଡା,୨୦।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମରେ ସୋମବାର ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନିକଟସ୍ଥ ଜଙ୍ଗଲରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୫୦୦ କେ.ଜି. ମହୁଲ ପୋଚ ନଷ୍ଟ କରାଯାଇଛି। ଜଙ୍ଗଲର ଏକ ନିଛାଟିଆ ସ୍ଥାନରେ ମଦ ବିକ୍ରି କରାଯାଉଥିବା ଖବର ପାଇଁ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତିଙ୍କ ସମେତ କର୍ମଚାରୀମାନେ ଚଢଉ କରିଥିଲେ।

## କବିତା ଆବୃତ୍ତି: ସାଇଚନ୍ଦନ ରାଜ୍ୟରେ ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୨୦।୭**

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଅନ୍‌ଲାଇନ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା (କନିଷ୍ଠ ବିଭାଗ)ରେ ଢେଙ୍କାନାଳର ସାଇଚନ୍ଦନ ଦାସ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସାଇଚନ୍ଦନ କୁଞ୍ଜକାନ୍ତ ନିବାସୀ ପ୍ରମୋଦ କୁମାର ଦାସ ଓ ଦେବଯାନୀ ଦାସଙ୍କ ଏକମାତ୍ର ପୁତ୍ର। ସେ ସେଣ୍ଟ୍ ଜାଭିୟର ହାଇସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ଏଥିସହ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର ଏକାଡେମୀ ଆଣ୍ଡ୍ ରିସର୍ଚ୍ଚ (ଆର୍ଟ) ଅନୁଷ୍ଠାନରେ ବ୍ୟକ୍ତିତ୍ୱ ବିକାଶ ଶିକ୍ଷା ଲାଭ କରୁଛନ୍ତି। ଛୋଟବେଳୁ ଅଭିନୟ ଜଗତ ପ୍ରତି ଆକର୍ଷିତ ହୋଇଥିବା ସାଇଚନ୍ଦନ ଏକାଧିକ ମଞ୍ଚନାଟକ ଏବଂ ଦୂରଦର୍ଶନର କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ଏଥିପୂର୍ବରୁ ଜିଲାସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ଶ୍ରେଷ୍ଠ ହୋଇ ରାଜ୍ୟସ୍ତରକୁ ଚୟନ ହୋଇଥିଲେ। ତାଙ୍କର ଏହି ସଫଳତାରେ ବିଭିନ୍ନ ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



## ପ୍ରେମୀ ଯୁଗଳଙ୍କୁ ତାଗିଦ୍

**ବଇଣ୍ଡା,୨୦।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା – ଇଚ୍ଛାପୁର ପୂର୍ତ୍ତ ବିଭାଗ ରାସ୍ତାର କରଞ୍ଜି ନାଳ ନିକଟରେ ମଙ୍ଗଳବାର ଏକ ପ୍ରେମୀ ଯୁଗଳଙ୍କୁ ହଟହଟା ହେବାକୁ ପଡିଛି। କିଛି ଦିନ ହେବ ଏହି ରାସ୍ତାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ୨ ଜଣ ଯୁବତୀ ଯୁବକ ଜଙ୍ଗଲରେ ବୁଲାବୁଲି କରୁଥିଲେ। ପରେ ସେମାନେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ହାବୁଡରେ ପଡ଼ିଯାଇଥିଲେ। ଯୁବକମାନେ ସେମାନଙ୍କୁ ତାଗିଦ୍ କରି ଛାଡିଦେଇଥିଲେ। ସନ୍ଧ୍ୟା ହେଲେ ଏହି ରାସ୍ତାରେ ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ତୃତୀୟ ଲହର ପୂର୍ବରୁ ପ୍ରଶାସନର ପ୍ରସ୍ତୁତି

**ଅନୁଗୋଳ ଅଫିସ, ୨୦।୭**

ଅନୁଗୋଳ ଜିଲାରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହୁଥିଲେ ମଧ୍ୟ ଭୟ ଦୂର ହୋଇନାହିଁ। ଲକ୍‌ଡାଉନ୍ କୋହଳ କରାଯିବା ପରେ ବଜାରରେ ଲୋକଙ୍କ ଚଳପ୍ରଚଳ ପୂର୍ବାପେକ୍ଷା ବଢ଼ିଯାଇଛି। ତେଣୁ ତୃତୀୟ ଲହରକୁ ନେଇ ବିଶେଷଜ୍ଞମାନେ ବିଭିନ୍ନ ମତାମତ ଦେଉଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ତୃତୀୟ ଲହରରେ ଅଧିକ ଶିଶୁ ସଂକ୍ରମିତ ହେବା ଆଶଙ୍କା କରାଯାଉଥିବାରୁ ସେମାନଙ୍କ ଚିକିତ୍ସା କିଭଳି କରାଯିବ, ତାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ବୁଝାଯାଇଛି। ଏଥିସହ ଟିକି ମାଉସୀ ଭିଡିଓ କ୍ଲିପ୍ ଦେଖାଯାଇଛି। ଏହି ଭିଡିଓ ଦେଖିବା ପରେ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କୁ ତୃତୀୟ ଲହର ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଯିବା ସହ ସଜାଗ ରହିବାକୁ କୁହାଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରା କହିଛନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଜାଗ ରହିବାକୁ କୁହାଯାଇଛି। ଶିଶୁମାନେ ଅଧିକ ଆକ୍ରାନ୍ତ ହେବା ଆଶଙ୍କା ଥିବାରୁ ସେମାନଙ୍କ ଚିକିତ୍ସା ନେଇ ବିଶେଜ୍ଞମାନେ ପରାମର୍ଶ ଦେଇଛନ୍ତି। ଜିଲାରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଏ ବାବଦରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।



## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା ଭାଜପା



ବନ୍ତଳା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ ଅଫିସ, ୨୦।୭**

ବିଦ୍ୟୁତ୍ ଦର ବୃଦ୍ଧି ଓ ଅଘୋଷିତ ପାୱାର କଟ୍ ପ୍ରତିବାଦରେ ଭାଜପା ପକ୍ଷରୁ ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବନ୍ତଳା ଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଏଥିରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ପ୍ରଭାତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, ଶିବରାମ ମହାଳିକ, ଲକ୍ଷ୍ମଣ ସାହୁ, ସରୋଜ ଗଡନାୟକ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବଣ୍ଣରପାଳ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଲଲହଡ଼ା ବ୍ଲକ ଖମାର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଖମାର ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ଯାଇଥିଲା।

## ଶୀଘ୍ର କାର୍ଯ୍ୟକ୍ଷମ ହେବ ତାଳଚେର ମେଡିକାଲ କଲେଜ

- ୧୬୩ ମିଲିୟନ ଟନ୍ କୋଇଲା ଉତ୍ତୋଳନ ଲକ୍ଷ୍ୟ
- ବୁର୍ଲା ଠାରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ ହୋଇଛି
- ସ୍ମେଲଟର ଓ ପାୱାର ପ୍ଲାଣ୍ଟ କରିବ ଏମ୍‌ସିଏଲ୍

**ତାଳଚେର,୨୦।୭ (ନି.ପ୍ର.)**




ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ୍ ଅଧକ୍ଷଙ୍କ ସହ ଅନ୍ୟ ଅଧିକାରୀମାନେ।

ଦେଶର ଦ୍ୱିତୀୟ ବୃହତ୍ତମ କୋଇଲା କମ୍ପାନୀ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୧୬୩ ମିଲିୟନ ଟନ୍ କୋଇଲା ଉତ୍ତୋଳନ ପାଇଁ ଲକ୍ଷ୍ୟ ରଖିଛି। ଏହି ଉତ୍ପାଦନ ସାଙ୍ଗକୁ ଦେଶର ବିଭିନ୍ନ ବିଦ୍ୟୁତ୍‌କେନ୍ଦ୍ରକୁ ୧୮୨ ମିଲିୟନ ଟନ୍ କୋଇଲା ପ୍ରେରଣ କରାଯିବ। ସେହିପରି ତାଳଚେର ମେଡିକାଲ କଲେଜ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଏହା ଚୂଡ଼ାନ୍ତ ହେବାକୁ ଯାଉଛି ବୋଲି ମଙ୍ଗଳବାର ତାଳଚେରସ୍ଥିତ ଜଗନ୍ନାଥ ଏରିଆ ଅଫିସ ଠାରେ ଏକ ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ପ୍ରକାଶ କରିଛନ୍ତି।

୩ ଦିନିଆ ତାଳଚେର ଗସ୍ତରେ ଆସି ବିଭିନ୍ନ ଖଣି ପରିଦର୍ଶନ, ସ୍ଥାନୀୟ ସମସ୍ୟା, ବର୍ଷାକାଳୀନ କୋଇଲା ପରିବହନ, ଉତ୍ତୋଳନ ଜନିତ ସମସ୍ୟା ସମ୍ପର୍କରେ ସିହ୍ନା ସମୀକ୍ଷା କରିଥିଲେ। ଏ ନେଇ ଏମ୍‌ସିଏଲ୍ ଅଧକ୍ଷ କହିଛନ୍ତି, ତାଳଚେର କୋଲ୍ ଫିଲଡ୍‌ସରୁ ୧୦୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ସହ ପ୍ରେରଣ ପାଇଁ ସ୍ଥିର କରାଯାଇଛି। ବୁର୍ଲା ଠାରେ ୨ ମେଗାୱାଟ ବିଶିଷ୍ଟ ସୌର ବିଦ୍ୟୁତ୍ ପ୍ଲାଣ୍ଟ ସଫଳତାର ସହ ସ୍ଥାପନ ହୋଇଛି। ଓଡିଶାରେ ୧୮୨ ମେଗାୱାଟ୍ ସୌର ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଏମ୍‌ସିଏଲ୍ ଏକ ଶୂନ୍ୟ କାର୍ବନ ନିର୍ଗମନ କମ୍ପାନୀ ହେବାକୁ ଲକ୍ଷ୍ୟ ରଖିଛି। ୨୦୨୦-୨୧ ବର୍ଷରେ ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୨୦୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଚଳିତ ବର୍ଷ ଏମ୍‌ସିଏଲ୍‌ରେ ୧୭.୪୭ ମିଲିୟନ ଟନ୍ କୋଇଲା ଷ୍ଟକ ରହିଛି। ଏଥିସହ ଚଳିତବର୍ଷ ୩ ଲକ୍ଷ ବୃକ୍ଷରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସିହ୍ନା ପ୍ରକାଶ କରିଛନ୍ତି। ସେହିପରି ଏମ୍‌ସିଏଲ୍ ଓଡ଼ିଶାରେ ଏକ ସ୍ମେଲଟର ଓ ପାୱାର ପ୍ଲାଣ୍ଟ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ ପକ୍ଷରୁ ନାଲ୍‌କୋ ସହିତ ଯୋଗାଯୋଗ ଚାଲୁ ରହିଛି। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଟେକ୍ନିକାଲ ଓ.ପି. ସିଂହ, ଡାଇରେକ୍ଟର ଫାଇନାନ୍ସ କେ.ଆର. ବାସୁଦେବନ, ନିର୍ଦ୍ଦେଶକ ପର୍ସୋନେଲ କେଶବ ରାଓ, ନିର୍ଦ୍ଦେଶକ ବୈଷୟିକ ପ୍ରକଳ୍ପ ଓ ଯୋଜନା ବାବନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।








ବାହୁଡ଼ା ଯାତ୍ରା ଅବସରରେ ମଙ୍ଗଳବାର ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିସରରେ ହୋଇଥିବା ଅସ୍ଥାୟୀ ମାଉସୀ ମା ମନ୍ଦିରରୁ ୩ ଠାକୁରଙ୍କୁ ପହଣ୍ଡିରେ ନିଆଯାଉଛି। (ଫଟୋ- ବୁବୁ)

